**ଘରୋଇ ସ୍କୁଲ ଫି' ଚାପ, ଅଭିଭାବକ ମହଲରେ ଅସନ୍ତୋଷ**

ବାଲେଶ୍ୱର ଅଫିସ: କିଛି ପ୍ରତିଶତ ସ୍କୁଲ ଫି' ଛାଡ ଲାଗି କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବାଲେଶ୍ୱର ଜିଲାରେ ଥିବା ଘରୋଇ ସ୍କୁଲଗୁଡିକରେ ଏହାକୁ ଉଲ୍ଲଂଘନ କରାଯାଉଛି। ଛାତ୍ରୀଛାତ୍ର ଓ ଅଭିଭାବକମାନେ କୌଣସି ଘରୋଇ ସ୍କୁଲ ଫି' କାଟ୍ କରୁନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବାଲେଶ୍ୱର ଜିଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ଶୁକ୍ରବାର ଓଡ଼ିଶା ଅଭିଭାବକ ମହାସଂଘ ବାଲେଶ୍ୱର ଶାଖା ପକ୍ଷରୁ ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



## ସଂକ୍ଷେପରେ

### ଆକ୍ରମଣ, ଡକାୟତି ଉଦ୍ୟମ ପଣ୍ଡ

**ଜଳେଶ୍ୱର,୧୬।୭(ଡି.ଏନ.ଏ.):** ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକ ଆକ୍ରମଣ କରିବା ସହିତ ଡକାୟତି ଉଦ୍ୟମ କରୁଥିବା ବେଳେ ପୋଲିସ ପହଞ୍ଚି ବନ୍ଧୁକ ଓ ମାରଣାସ୍ତ୍ର ଜବତ କରିଛି। ଉକ୍ତ ଯୁବକଙ୍କୁ ମଧ ପୋଲିସ ଗିରଫ କରିଛି।

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଖଳାବାଡିଆ ଗାଁର ଚନ୍ଦ୍ରକାନ୍ତ ପାଳ ସେହି ଗାଁର ନିତ୍ୟାନନ୍ଦ ପାଳଙ୍କୁ ଜୁନ୍ ୧୬ତାରିଖରେ ଗାଁ ହାଟରେ ଆକ୍ରମଣ କରିଥିଲେ। ନିତ୍ୟାନନ୍ଦଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ନିତ୍ୟାନନ୍ଦଙ୍କ ସ୍ତ୍ରୀ ସୁମତୀ ଏନେଇ ଥାନାରେ ଏତଲା ଦେଇଥିଲେ। ଗତ ୧୪ତାରିଖରେ ଫେରାର ଅଭିଯୁକ୍ତ ଚନ୍ଦ୍ରକାନ୍ତ ପାରୋଲରେ ଆସିଥିବା ବେଳେ ତାଙ୍କ ସହଯୋଗୀ ସୂର୍ଯ୍ୟକାନ୍ତ ପାଳ, ଗୌତମ କାମିଳା, ସୁଶାନ୍ତ ମାଝି, ମଣ୍ଟୁ ରାଉଳ ସହ ମିଶି ନିତ୍ୟାନନ୍ଦଙ୍କ ଘରେ ଆକ୍ରମଣ ଓ ଡକାୟତି ଲାଗି ଯୋଜନା କରୁଥିଲେ। ପୋଲିସ୍ ଏ ସମ୍ପର୍କରେ ଜାଣି ଗାଁରେ ପହଞ୍ଚିବାରୁ ଉକ୍ତ ଯୁବକମାନେ ପୋଲିସ ଉପରକୁ ଲଙ୍କାଗୁଣ୍ଡା ଛାଟିଥିଲେ । ୪ ସହଯୋଗୀ ଖସିଯାଇଥିଲେ ମଧ ଚନ୍ଦ୍ରକାନ୍ତଙ୍କୁ ପୋଲିସ କାବୁ କରିଥିଲା। ତାଙ୍କଠାରୁ ଗୋଟିଏ ବନ୍ଧୁକ, ୩ଟି ଅଫୁଟା ଗୁଳି, ୨ଟି ଭୁଜାଲି, ୧ ସ୍କୁଟି ଜବତ ହୋଇଛି । ଏନେଇ ପୋଲିସ ମାମଲା ରୁଜୁ କରି ଚନ୍ଦ୍ରକାନ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି।

### ବେଆଇନ ବାଲି, ପଥର ବୋଝେଇ ୪ ଟ୍ରାକ୍ଟର ଜବତ

**ଜଳେଶ୍ୱର, ୧୬।୭(ଡି.ଏନ.ଏ.):** ବାଲେଶ୍ୱର ଜିଲାର ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖାର ଶ୍ରୀରାମପୁର ଗ୍ରାମ ନିକଟରୁ ପ୍ରତିଦିନ ଶହ ଶହ ଟ୍ରାକ୍ଟର ଯୋଗେ ବେଆଇନ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହେଉଥିଲା। ଜଳେଶ୍ୱର ତହସିଲଦାର ଶଙ୍କର ପଟ୍ଟନାୟକ ଚଢାଉ କରି ୪ଟି ଟ୍ରାକ୍ଟରକୁ ଜବତ କରିଛନ୍ତି। ଏହି ଟ୍ରାକ୍ଟରଗୁଡ଼ିକରୁ ଶୁକ୍ରବାର ୧୫ହଜାର ଟଙ୍କା ଲେଖାଏଁ ମୋଟ ୬୦ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ୨ଟି ବେଆଇନ ବାଲି ପରିବହନ କରୁଥିବା ଡମ୍ଫରଠାରୁ ୮୦ ହଜାର ଟଙ୍କା ଓ ଅନ୍ୟ ଏକ ବେଆଇନ ପଥର ପରିବହନ କରୁଥିବା ଡମ୍ଫରଠାରୁ ୩୫ହଜାର ଟଙ୍କା ଆଦାୟ କରାଯାଇଛି। ମୋଟ ୧ଲକ୍ଷ ୭୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ପଟ୍ଟନାୟକ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

### ଚମ୍ପୁଆ ଏନ୍ଏସିରେ 'ମୋ ଖତ ବିକ୍ରି'

**ଚମ୍ପୁଆ, ୧୬।୭ (ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ପକ୍ଷରୁ ସଂଗୃହୀତ ବିଭିନ୍ନ ଆବର୍ଜନାରୁ ପ୍ରସ୍ତୁତ କରାଯାଉଥିବା 'ମୋ ଖତର ବିକ୍ରି' ଆରମ୍ଭ କରାଯାଇଛି। ଏନ୍ଏସି ନିର୍ବାହି ଅଧିକାରୀ ଗୌରହରି ମହାନ୍ତ ଏହି ଖତ ବିକ୍ରିର ଶୁଭାରମ୍ଭ କରିଥିବା ବେଳେ ଏଥିରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଉପସ୍ଥିତ ରହିଥିଲେ। ପ୍ରାଥମିକ ପର୍ଯ୍ୟାୟରେ କିଲୋ ପ୍ରତି ୨୦ଟଙ୍କା ଦରରେ ୧୧୩୫ କିଲୋ ଖତ ଗୁରୁବାର ମୃତ୍ତିକା ସଂରକ୍ଷଣ ବିଭାଗକୁ ବିକ୍ରି କରାଯାଇଛି। ଏହି ଜୈବିକ ଖତ ଦ୍ୱାରା ଅଧିକ ଉତ୍ପାଦନ ହେବାର ସମ୍ଭାବନା ରହିଥିବାରୁ ବାଡି ବଗିଚା ଚାଷରେ ଏହାକୁ ବ୍ୟବହାର କରିବା ପାଇଁ ଏନ୍ଏସି ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅନୁରୋଧ କରାଯାଇଛି। ଏହି ଖତ ୧ କିଲୋ, ୨ କିଲୋ ଓ ୫ କିଲୋ ପ୍ୟାକେଟ ଆକାରରେ ଏନଏସିରେ ଉପଲବ୍ଧ ରହିଛି। ଚାଷୀ ଏହାର ସୁବିଧା ନେବାକୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଗ୍ରାମାଞ୍ଚଳକୁ ଲମ୍ବିଛି ଡ୍ରଗ୍ସ କାରବାରର ଚେର

**ସିମୁଳିଆ, ୧୬।୭(ଡି.ଏନ.ଏ.):** ବାଲେଶ୍ୱର ଜିଲାରେ ଡ୍ରଗ୍ସ କାରବାର ସମ୍ପର୍କରେ ସୂଚନା ପାଇ ଶୁକ୍ରବାର ସିମୁଳିଆ ବ୍ଲକର ଛଟିନ୍ଦା ଓ ମଇତାପୁର ଅଞ୍ଚଳରେ ସ୍ପେଶାଲ ସ୍କାଡ୍ ଚଢ଼ାଉ କରିଥିଲା। ତଦନ୍ତ ଚାଲିଥିବାରୁ କୌଣସି ଠିକ୍ ତଥ୍ୟ ମିଳିପାରିନାହିଁ । ଡ୍ରଗ୍ସ ର୍ୟାକେଟରେ ସମ୍ପୃକ୍ତ ଥିବା ଯୁବକମାନେ ଟାର୍ଗେଟରେ ଥିବା ଜଣାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଜୟନ୍ତ କୁମାର ବେହେରାଙ୍କୁ ପଚାରିବାରୁ ପରେ ସେ ଏ ସମ୍ପର୍କରେ ସୂଚନା ଦେବେ ବୋଲି କହିଥିଲେ। ପ୍ରକାଶ ଯେ, ବାଲେଶ୍ୱର ଓ ଭଦ୍ରକ ଜିଲାରୁ ବିଭିନ୍ନ ଦେଶୀମଦ ସହିତ ଗଞ୍ଜେଇ, ବ୍ରାଉନସୁଗାର ଭଳି ବିଭିନ୍ନ ଡ୍ରଗ୍ସର ଚେର ଗ୍ରାମାଞ୍ଚଳକୁ ଲମ୍ବିଛି । ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାର ବିଭିନ୍ନ ପାନ ଦୋକାନ ସମେତ ଅନ୍ୟାନ୍ୟ ଦୋକାନରେ ଏଜେଣ୍ଟମାନଙ୍କ ଦ୍ୱାରା ଏହା ଉପଲବ୍ଧ ହେଉଥିବା ସୂଚନା ମିଳିଛି।

# ଅଣ ଓଡ଼ିଆଙ୍କ ନିୟନ୍ତ୍ରଣରେ ନିଶା କାରବାର

- ପଶ୍ଚିମବଙ୍ଗରୁ ଆସୁଛି ଚୋରାମଦ ପ୍ରସ୍ତୁତି ସାମଗ୍ରୀ
- ୨୭ କନଷ୍ଟେବଲ ପଦବୀ ଖାଲି

**ବାରିପଦା ଅଫିସ,୧୬।୭**

ମୟୂରଭଞ୍ଜ ଜିଲାରେ ଚୋରା ମଦ ଓ ନିଶାଦ୍ରବ୍ୟ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସୀମାନ୍ତ ପଶ୍ଚିମବଙ୍ଗରୁ ଏହି ଜିଲାକୁ ନକଲି ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସ୍ପିରିଟ ଓ ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ ଚୋରାରେ ଆସୁଛି। ଜିଲାର ସମସ୍ତ ଦେଶୀ ବିଦେଶୀ ମଦ ଦୋକାନ ଓଡ଼ିଆ ଲୋକଙ୍କ ନାମରେ ଥିବା ବେଳେ ଅଧିକାଂଶ ସ୍ଥାନରେ ଅଣ ଓଡ଼ିଆ(ବିହାର ରାଜ୍ୟ ଲୋକ) ଲିଜ ନେଇ କାରବାର ଚଳାଉଛନ୍ତି। ଚୋରା ବେପାରୀଙ୍କୁ ବିଭାଗ ଧରୁଥିବା ବେଳେ ଏସଟିଏଫ୍ ମଧ କୋଟି କୋଟି ଟଙ୍କାର ବ୍ରାଉନସୁଗାର ଜବତ କରୁଥିବା ନଜିର ରହିଛି। ତେବେ ସ୍ୱଳ୍ପ କର୍ମଚାରୀଙ୍କ ପାଇଁ ଚୋରା କାରବାର ରୋକିବାରେ ବିଭାଗ ବିଫଳ ହେଉଛି ।

ଜିଲାର ଛୋଟବଡ଼ ବଜାର ଓ ଗାଁ ଗହଳିରେ ଥିବା ବିଭିନ୍ନ ଗ୍ରସେରି, ପାନ, ହୋଟେଲଗୁଡ଼ିକରେ ବେଆଇନ ମଦ ବିକ୍ରି ହେଉଛି। ନକଲି ମଦ ମଧ କାରବାର ହେଉଛି। ଜିଲାରେ ୮୬ଟି ଠିପିବନ୍ଦ ବିଦେଶୀ ମଦ ଦୋକାନ, ୧୪ଟି ବାର୍ ଓ ୨୦ଟି ଦେଶୀ ମଦ ଭାଟି ରହିଛି। ଗତବର୍ଷ ଲକ୍ଡାଉନ ଓ ଶଟଡାଉନ ସତ୍ତ୍ୱେ ଜିଲାରେ ୩୦୦କୋଟି ଟଙ୍କାର ମଦ କାରବାର ହୋଇଛି । ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ୩୫୦କୋଟି ଟଙ୍କାର ମଦ କାରବାର ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ତଦନୁଯାୟୀ ଗତବର୍ଷ ସରକାରଙ୍କ ତହବିଲକୁ ୩୦କୋଟି ଟଙ୍କା ରାଜସ୍ୱ ମିଳିଥିବା ବେଳେ ଚଳିତବର୍ଷ ୩୫କୋଟି ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଚଳିତବର୍ଷ ଚୋରାମଦ କାରବାର ରୋକିବାରେ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି । ଗତବର୍ଷ ୧୬୪ଟି ମାମଲାରେ ୪୧ଜଣ ଗିରଫ ହୋଇଥିବା ବେଳେ ଚଳିତବର୍ଷ ଜୁନ ୧୫ତାରିଖ ସୁଦ୍ଧା ୩୫୭ଟି ମାମଲାରେ ୨୮୬ଜଣଙ୍କୁ ଗିରଫ କରାଯାଇଛି। କର୍ମଚାରୀ ଅଭାବରୁ ଜିଲାରେ ଚୋରା ମଦ କାରବାର ବୃଦ୍ଧି ପାଉଛି। ଜିଲା ସଦର ମହକୁମାରେ ଅବସ୍ଥିତ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ବାରିପଦା, ଉଦଳା, ରାଇରଙ୍ଗପୁର ଓ କରଞ୍ଜିଆକୁ ମିଶାଇ ୪ଟି ଅବକାରୀ ରେଞ୍ଜ କାର୍ଯାଳୟ ରହିଛି। ଏହା ସହିତ ଜିଲାରେ ୨ଟି ମୋବାଇଲ ୟୁନିଟ କାର୍ଯ୍ୟ କରୁଛି। ଏହି କାର୍ଯ୍ୟାଳୟ ଗୁଡ଼ିକରେ ୨୭ କନଷ୍ଟେବଲ ପଦବୀ ଖାଲି ପଡ଼ିଛି । ସେହିପରି ଚଢ଼ାଉ ପାଇଁ ବିଭାଗ ପାଖରେ ରହିଛି ମାତ୍ର ୫ଟି ଚାରିଚକିଆ ଯାନ। ଫଳରେ ଚୋରା ମଦ ବେପାରୀଙ୍କୁ ଧରିବାରେ ଅସୁବିଧା ହେଉଛି।


ବାରିପଦାଠାରେ ଥିବା ଜିଲା ଅବକାରୀ କାର୍ଯ୍ୟାଳୟ।

ବିହାରୀ ଲୋକମାନେ ପଶ୍ଚିମବଙ୍ଗରୁ ଚୋରାରେ ମଦ ତିଆରି ପାଇଁ ସ୍ପିରିଟ ଆଣି ସ୍ଥାନୀୟ ଯୁବକଙ୍କୁ ଯୋଗାଇବା ସହିତ ନାମୀଦାମୀ ବ୍ରାଣ୍ଡର ବିଦେଶୀ ମଦ ପ୍ରସ୍ତୁତ ସାମଗ୍ରୀ ଯୋଗାଉଥିବା ବାରିପଦାର ଶାନ୍ତନୁ ପାଲ କହିଛନ୍ତି। ସେହିପରି ମଦ ଦୋକାନ ଲିଜ୍ ନେଇଥିବା ବ୍ୟକ୍ତିମାନେ ଅଣ ଓଡ଼ିଆ ଲୋକଙ୍କୁ ଦାୟିତ୍ୱ ଦେବାରୁ ନକଲି କାରବାର ବଢ଼ୁଛି। ଫଳରେ ସରକାରଙ୍କର ରାଜସ୍ୱହାନୀ ହେବା ସହିତ ନକଲି ମଦ ସେବନ କରି ବହୁ ପରିବାର ସର୍ବସ୍ୱାନ୍ତ ହେଉଥିବା ଦଳିତ ଆଦିବାସୀ ମହାସଂଘର ସଭାପତି ରାକେଶ ସିଂ ପ୍ରକାଶ କରିଛନ୍ତି। ଏସଂକ୍ରାନ୍ତରେ ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ୍ଙ୍କୁ ପଚାରିବାରୁ ଚୋରାବେପାରୀଙ୍କୁ ଧରିବା ପାଇଁ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି। ଖାଲି ଥିବା ପଦବୀ ପୂରଣ ସହିତ ଅଧିକ ୪ ଚକିଆ ଯାନ ଯୋଗାଇ ଦିଆଗଲେ ଚୋରା କାରବାର ରୋକାଯିବ ବୋଲି ସେ କହିଛନ୍ତି।

# ଉତ୍ତର ଓଡ଼ିଶାର ରେଳ ବିକାଶ ପାଇଁ ମନ୍ତ୍ରୀଙ୍କୁ ଚିଠି

**ବାଲେଶ୍ୱର ଅଫିସ, ୧୬।୭**

ଉତ୍ତର ଓଡ଼ିଶାର ରେଳ ବିକାଶ ଲାଗି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଶୁକ୍ରବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି। ଏଥିରେ ବାଲେଶ୍ୱର–ନୀଳଗିରି ଓ ଜଳେଶ୍ୱର–ଦୀଘା ପ୍ରସ୍ତାବିତ ରେଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ସହ ବାଲେଶ୍ୱର–ନୀଳଗିରି ପ୍ରକଳ୍ପକୁ କେନ୍ଦୁଝର ପର୍ଯ୍ୟନ୍ତ ଓ ରୂପ୍ସା–ବୁଢ଼ାମରା ସେକ୍ସନକୁ ଚକୁଳିଆ (ଝାଡ଼ଖଣ୍ଡ) ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ 'ମିଶନ ପୂର୍ବୋଦୟ'ର ସଫଳତା ବାଲେଶ୍ୱର ରେଳ ଡିଭିଜନ ଉପରେ ନିର୍ଭର କରୁଛି। ଯଦି ବାଲେଶ୍ୱର–ନୀଳଗିରି ରେଳଲାଇନ ଓ ଜଳେଶ୍ୱର–ଦୀଘା ରେଳଲାଇନ ପ୍ରକଳ୍ପ କାର୍ଯ୍ୟକାରୀ ହୁଏ, ତେବେ ବାଣିଜ୍ୟ ପାଇଁ ଅପୂର୍ବ ସୁଯୋଗ ଆଣି ଦେବ।


ନବଜ୍ୟୋତି ପଟ୍ଟନାୟକ।

ଅପରପକ୍ଷରେ ଜିଲାରେ ରେଳ ଡିଭିଜନ କରାଗଲେ ଏହା କେବଳ ଓଡ଼ିଶାର ଆର୍ଥିକ ବିକାଶରେ ସହାୟକ ହେବ ତାହା ନୁହେଁ 'ମିଶନ ପୂର୍ବୋଦୟ'କୁ ଯଥାର୍ଥତାରେ ପରିଣତ କରିବ। ଏହି କାର୍ଯ୍ୟ କେବଳ ବାଲେଶ୍ୱରର ପୂର୍ବତନ ଜିଲାପାଳ ତଥା ବର୍ତ୍ତମାନର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାକାର କରିପାରିବେ ବୋଲି ନବଜ୍ୟୋତି ଆଶାବ୍ୟକ୍ତ କରିଛନ୍ତି।

# 'ସଙ୍ଗଠନକୁ ଦୃଢ଼ କରାଯିବ'

**ଭଦ୍ରକ ଅଫିସ,୧୬।୭**

ଭାଜପାର ଭଦ୍ରକ ଜିଲା କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଭିଡିଓ କନ୍ଫରେନ୍ସରେ ସଭାପତି ହେମନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ଜିଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବଦ୍ରିନାରାୟଣ ଧଳ, ଡା. ପ୍ରଦୀପ ନାୟକ, ମାଧବାନନ୍ଦ ମଲ୍ଲିକ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜୋନ୍ ପ୍ରଭାରୀ ଗୋଲକ ମହାପାତ୍ର, ଜିଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଅଶୋକ ପରିଜା, ଜିଲା ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ଦୁର୍ଗା ପ୍ରସନ୍ନ ଦାସ, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ବିକାଶ ଶ୍ରେଷ୍ଠା, ମଣ୍ଡଳ ସଭାପତି ଓ ଜିଲା କାର୍ଯ୍ୟକାରିଣୀ କମିଟି ସଦସ୍ୟମାନେ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରୁ ସଙ୍ଗଠନକୁ ଦୃଢ଼ କରିବା, ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳ ପଞ୍ଚାୟତ ସମିତି ଦଖଲ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। । ବିଶେଷ କରି ଜିଲାରେ ଚାଲିଥିବା ଦୁର୍ନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ନ ଦେଲେ ଭାଜପା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ନେତୃମଣ୍ଡଳୀ ମତ ପ୍ରକାଶ କରିଥିଲେ।

# ଇମାମୀ ପେପର ମିଲ୍ସ ଏମ୍ପ୍ଲୋଇଜ ୟୁନିୟନର ପ୍ରତିବାଦ ସଭା


ପ୍ରତିବାଦ ସଭାରେ ୟୁନିୟନ କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ,୧୬।୭**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍ସ ଏମ୍ପ୍ଲୋଇଜ୍ ୟୁନିୟନ ପରିସରରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ୟୁନିୟନର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଅଧ୍ୟକ୍ଷତା କରି କାରଖାନା ପରିସରରେ ନିର୍ଦ୍ଦେଶକ ଓ କର୍ମଚାରୀଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରିଥିଲେ। କମ୍ପାନୀ ନିର୍ମାଣ ହେବା ପରଠାରୁ ଆଜି ଯାଏଁ କେବେ ବି ଏଭଳି ଘଟଣା ଦେଖାଯାଇ ନ ଥିଲା। ସମସ୍ତ ଦୋଷୀଙ୍କୁ ଯଥାଶୀଘ୍ର ପୋଲିସ ତଦନ୍ତ ମାଧ୍ୟମରେ ଧରିବା ପାଇଁ ଦାବି କରିଛନ୍ତି। ପ୍ରତିବାଦ ସଭାରେ ୟୁନିୟନର ଜେନେରାଲ ସେକ୍ରେଟାରୀ ରୀତେଶ ସିଂ, ସଞ୍ଜୟ ରାଉତ, ହୃଷିକେଶ ମହାନ୍ତି, ପ୍ରଦୀପ କୁମାର ଦାସ, ମନୋଜ କୁମାର ମହାନ୍ତି, ପ୍ରଶାନ୍ତ ଦାସ, ଚନ୍ଦନ ସାହୁ, ଦୀପକ ପ୍ରଧାନ ଏବଂ ବହୁ ଠିକାଦାର ଶ୍ରମିକମାନେ ଯୋଗ ଦେଇଥିଲେ।

# ହରିବଳଦେବଜୀଉଙ୍କ ନୀତିକାନ୍ତି ନେଇ ଦାବିପତ୍ର

**ବାରିପଦା ଅଫିସ,୧୬।୭**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ପରବର୍ତ୍ତୀ ନୀତିକାନ୍ତିକୁ ନେଇ ସେବାୟତ ସଂଘ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚଳିତ ବର୍ଷ ରଥଯାତ୍ରା ବନ୍ଦ ହେବାରୁ ଠାକୁରଙ୍କ ରୀତିନୀତି କିଭଳି ସମ୍ପନ୍ନ କରାଯିବ ସେ ନେଇ ଦେବୋତ୍ତର ବିଭାଗ ନିର୍ଦ୍ଦେଶ ଦେବାକୁ ସେବାୟତମାନେ ଦାବିପତ୍ର ପ୍ରଦାନ କରିଛନ୍ତି। କରୋନା କଟକଣା ପାଇଁ ଦୁଇ ବର୍ଷ ଧରି ବାରିପଦାରେ ରଥଯାତ୍ରା ହୋଇ ପାରିନାହିଁ। ଫଳରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ଘରୁ ବାହାରି ନାଟ ମଣ୍ଡପର ଭଦ୍ରାସନରେ ରହି ପୂଜା ପାଉଛନ୍ତି। ତେବେ ଠାକୁରଙ୍କ ନୀତିକାନ୍ତି କିଭଳି ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସକ, ପୁରୀ ଗଜପତି ମହାରାଜା, ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଓ ଛତିଶା ନିଯୋଗ ସହିତ ପରାମର୍ଶ କରି ଦେବୋତ୍ତର ବିଭାଗ ଲିଖିତ ଭାବେ ନିର୍ଦ୍ଦେଶ ଦେବାକୁ ପୂଜକ କାମେଶ୍ୱର ତ୍ରିପାଠୀ କହିଛନ୍ତି। ଠାକୁରଙ୍କ ନୀତିକାନ୍ତି ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବାକୁ ପୂଜକ ଅରୁଣ କୁମାର ମିଶ୍ର ପ୍ରମୁଖ ଦାବି କରିଛନ୍ତି।

# ଟିକାକେନ୍ଦ୍ରରେ ଗଣ୍ଡଗୋଳ: ଧାରଣା ଦେଲେ ଗ୍ରାମବାସୀ


ଟିକାକେନ୍ଦ୍ରରେ ଗ୍ରାମବାସୀ ହୋହଲ୍ଲା କରୁଛନ୍ତି।

**ବାହାନଗା, ୧୬।୭(ଡି.ଏନ.ଏ.)**

ଟିକା ନେବାକୁ କେନ୍ଦ୍ର କରି ବାଲେଶ୍ୱର ଜିଲା ଖନ୍ତାପଡା ଥାନା ରେମୁଣା ବ୍ଲକ ଶ୍ରୀଜଙ୍ଗ ଗ୍ରାମରେ ଥିବା ଦାସମହାପାତ୍ର ବାଞ୍ଛାନିଧି ନୋଡାଲ ଉଚ୍ଚ ବିଦ୍ୟାଳୟ ଟିକାକରଣ କେନ୍ଦ୍ରରେ ଶୁକ୍ରବାର ଗଣ୍ଡଗୋଳ ହୋଇଥିଲା। ଫଳରେ ଗ୍ରାମବାସୀ ଟିକାକରଣ କେନ୍ଦ୍ରରେ ଧାରଣାରେ ବସିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଟିକାକାରଣ ବନ୍ଦ ରହିବା ପରେ ରେମୁଣା ଅତିରିକ୍ତ ତହସିଲଦାର ମନୋଜ ସେନାପତି ଓ ଡାକ୍ତର ଅରୂପ ଦାସ ପହଞ୍ଚି ଧାରଣାରେ ବସିଥିବା ଗ୍ରାମବାସୀଙ୍କୁ ବୁଝାଶୁଝା କରି ସମସ୍ତେ କିପରି ଅଫ୍ଲାଇନରେ ଟିକା ନେଇପାରିବେ ସେଥିଲାଗି ଖୁବ୍ଶୀଘ୍ର ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ସ୍ୱାଭାବିକ ହେବା ପରେ ଅନଲାଇନ୍ରେ ପଞ୍ଜୀକରଣ କରିଥିବା ବ୍ୟକ୍ତିମାନେ ଟିକା ନେଇଥିଲେ।

# ମେଗା ଇସ୍ପାତ କାରଖାନା ଆବଶ୍ୟକ

**ଦାବି କଲା କ୍ରିୟାନୁଷ୍ଠାନ କମିଟି**

**କେନ୍ଦୁଝର,୧୬।୭ (ସ୍ୱ.ପ୍ର.)**

ଖଣିଖାଦାନ ଭରା କେନ୍ଦୁଝର ଜିଲାରେ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଥିଲା। ହେଲେ ରାଜ୍ୟ ସରକାର ଏକ ମିନି ଇସ୍ପାତ କାରଖାନା ଘୋଷଣା କରିଛନ୍ତି। ଏହାକୁ ବିରୋଧ କରି ପୁଣି ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ଦାବିରେ ଜନ ଆନ୍ଦୋଳନ ହେବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକରେ କୁହାଯାଇଛି। ସବୁ କ୍ଷେତ୍ରରେ ଜିଲାକୁ ଅବହେଳା କରାଯାଇଆସୁଛି। ଏହି ଜିଲାରେ ପ୍ରଚୁର ଖଣିଜ ସମ୍ପଦ ଥାଇ ମଧ ଜିଲାର ବିକାଶ ହୋଇପାରୁ ନାହିଁ। ଜିଲାବାସୀ ବିଭିନ୍ନ ସମସ୍ୟା ମଧରେ ଗତି କରୁଥିବା ବେଳେ ବେରୋଜଗାର ସମସ୍ୟାରେ ଯୁବପିଢ଼ି ଜର୍ଜରିତ ହୋଇରହିଛନ୍ତି। ଏଭଳି ପରିପ୍ରେକ୍ଷୀରେ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ଆବଶ୍ୟକ। ରାଜନୈତିକ ଇଚ୍ଛାଶକ୍ତି ଓ ଦୃଢ଼ ନେତୃତ୍ୱର ଅଭାବ ଯୋଗୁ ସବୁବେଳେ ଜିଲାବାସୀଙ୍କୁ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ଭକୁଆ ବନାଯାଉଥିବା ବୈଠକରେ ଅଭିଯୋଗ ହୋଇଛି। କିଛିଦିନ ତଳେ ସ୍ଥାନୀୟ ଦରବାର ହଲ୍ରେ ବୁଦ୍ଧିଜୀବୀଙ୍କୁ ନେଇ ସଭା ଆୟୋଜନ କରି ମିନି ଇସ୍ପାତ କାରଖାନା ଘୋଷଣା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ଘଟଣାକୁ ଅନେକ ନିନ୍ଦା କରିଛନ୍ତି। ଏଥିରେ ସାମିଲ ଥିବା ଜିଲାର ଲୋକପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ନୀରବ ସମର୍ଥନକୁ ସମାଲୋଚନା କରାଯାଇଥିଲା । ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଦାବି ଜାରି ରହିବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ରୁଦ୍ରନାରାୟଣ ମହାନ୍ତ କହିଛନ୍ତି। ବୈଠକରେ ବିଭିନ୍ନ ସଙ୍ଗଠନ, ଦଳ ଓ ସ୍ୱେଚ୍ଛାସେବୀ ସାମିଲ ହୋଇ ନିଜର ମତାମତ ରଖିଥିଲେ।

# ସରପଞ୍ଚଙ୍କ ପରଲୋକ

**ପଦ୍ମପୁର, ୧୬।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆ ସରପଞ୍ଚ କୋକିଳ ସାହୁଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ଘଟିଛି। ୩ ଦିନ ତଳେ ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ କଟକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ଘଟଗାଁରେ ହେବ ଜୁଡିସିଆଲ କୋର୍ଟ

**ଘଟଗାଁ, ୧୬।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଘଟଗାଁଠାରେ ଜୁଡିସିଆଲ କୋର୍ଟ ଖୋଲିବା ନେଇ ଆଶା ଉଜ୍ଜ୍ୱଳ ହୋଇଛି। ଗତ ବୁଧବାର ଅପରାହ୍ନରେ ଜୁଡିସିଆଲ ପଦାଧିକାରୀମାନେ ଘଟଗାଁ ଡାକବଙ୍ଗଳାଠାରେ ପହଞ୍ଚିଥିଲେ।ସ୍ଥାନୀୟ ସରକାରୀ ପଦାଧିକାରୀଙ୍କୁ ଡାକି ଆଲୋଚନା କରିବା ସହ ସମ୍ଭାବ୍ୟ କୋର୍ଟ ସ୍ଥାନ ପରିଦର୍ଶନ କରିଥିଲେ। ସୂଚନା ମୁତାବକ ଘଟଗାଁ ହାତପଡ଼ିଆଠାରେ ଥିବା ମୁକୁନ୍ଦପୁର ପାଟଣା ପଞ୍ଚାୟତ କଲ୍ୟାଣମଣ୍ଡପରେ ଅସ୍ଥାୟୀ ଭାବେ ଜେଏମ୍ଏଫସି କୋର୍ଟ ପ୍ରତିଷ୍ଠା ହେବ ବୋଲି ସ୍ଥିର ହୋଇଛି।

# ଧାରଣା ଦେଲେ ସରପଞ୍ଚ

**ଭଣ୍ଡାରିପୋଖରୀ,୧୬।୭(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ସରପଞ୍ଚମାନେ ପଞ୍ଚାୟତ ସ୍ତରରେ ଟିଏମ୍ସି (ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର) ପରିଚାଳନା ବାବଦ ବକେୟା ଅର୍ଥ ଦାବିରେ ଶୁକ୍ରବାର ବ୍ଲକ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ସରପଞ୍ଚ ଜଗବନ୍ଧୁ ଦାସ,ବିଜୟ ସ୍ୱାଇଁ, ସୁବାସ କାଣ୍ଡି, ପ୍ରଶାନ୍ତ ସାହୁ, ମନୋଜ ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ। ବିଡିଓ ବିଜୟ କୁମାର ସାହୁ ଧାରଣା ସମ୍ପର୍କରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇ ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଏହି ବକେୟା ଅର୍ଥ ପାଇଁ ସରପଞ୍ଚମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୨୦୨୦ ସେପ୍ଟେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ବ୍ଲକ ପକ୍ଷରୁ ୩ ଦିନ ମଧରେ ଅଧା ଏବଂ ଅବଶିଷ୍ଟ ୧୫ ଦିନ ମଧରେ ପୈଠ ନେଇ ପ୍ରତିଶ୍ରୁତି ମିଳିବାରୁ ସେମାନେ ଧାରଣାରୁ ଓହରିଥିଲେ। ହେଲେ ପ୍ରତିଶ୍ରୁତି ପୂରଣ ନ ହେବାରୁ ପୁଣି ସେମାନେ ଧାରଣା ଦେଇଥିବା କହିଥିଲେ।

# ଜମି ବିକ୍ରି ଠକେଇ ଅଭିଯୋଗରେ ଧାରଣା

**ବାସୁଦେବପୁର,୧୬।୭(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ପଛପାର୍ଶ୍ୱରେ ରହୁଥିବା ନିରଞ୍ଜନ ବିଶ୍ୱାଳଙ୍କ ଘର ସାମ୍ନାରେ ରାଜଘରପୋଖରୀ ପଞ୍ଚାୟତ ବଡ଼ମଚ୍ଛୁଆଘାଇ ଗ୍ରାମର ବସନ୍ତ ମହାନ୍ତିଙ୍କ ସମେତ ପରିବାରର ୫ ଜଣ ସଦସ୍ୟ ଶୁକ୍ରବାର ଧାରଣା ଦେଇଥିଲେ। ଜମି ବିକ୍ରିରେ ଠକେଇ ଅଭିଯୋଗ ଆଣି ବସନ୍ତଙ୍କ ସପରିବାର ଧାରଣାରେ ବସିଥିବା କହିଛନ୍ତି। ବସନ୍ତ ଅଭିଯୋଗ କରିଛନ୍ତି ଯେ, ଦୁଇବର୍ଷ ପୂର୍ବେ ନିରଞ୍ଜନଙ୍କଠାରୁ ଏକ ଜମି କିଣିବା ପାଇଁ ସେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ। ହେଲେ ଜମି ଦଲିଲ ବେଳେ ଚଞ୍ଚକତା ହୋଇଥିବାରୁ ଟଙ୍କା ଦେଇ ମଧ ସେ ଦଖଲ ପାଇପାରୁ ନାହାନ୍ତି। ଏନେଇ ବାସୁଦେବପୁର ଓ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ ମଧ କରିଛନ୍ତି। ଏ ସମ୍ପର୍କରେ ନିରଞ୍ଜନଙ୍କୁ ପଚାରିବାରୁ କହିଛନ୍ତି, ଏହି ଜମି ବିକ୍ରି ଘଟଣାରେ ତାଙ୍କ ବିରୋଧରେ ବାସୁଦେବପୁର ଥାନାରେ ମାମଲା ରୁଜୁ ହୋଇଛି। କୋର୍ଟରେ ମାମଲା ବିଚାରାଧୀନ ରହିଛି। କୋର୍ଟଙ୍କ ନିଷ୍ପତ୍ତି ଯାହା ଆସିବ ସେ ମାନିବେ। ସୂଚନା ଥାଉକି, ନିରଞ୍ଜନଙ୍କ ଘର ରାଜଘରପୋଖରୀ ପଞ୍ଚାୟତରେ ହୋଇଥିବା ବେଳେ ଗତ କିଛିଦିନ ଧରି ସେ ବାସୁଦେବପୁର ଥାନା ପଛପାଖରେ ସ୍ଥାୟୀ ଭାବେ ରହି ଆସୁଛନ୍ତି।

# ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ


ବୈଠକରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

**ଭଦ୍ରକ ଅଫିସ,୧୬।୭**

ଭଦ୍ରକ ଜିଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଧାମନଗର ନିର୍ବାଚନମଣ୍ଡଳୀର ଧୂଷୁରୀ ପଞ୍ଚାୟତ ସୂର୍ଯ୍ୟପୁର ମୌଜାରେ ଏକ ପ୍ରସ୍ତାବିତ ଭାରତ ତିଆରି ଠିପିବନ୍ଦ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏହା ବିରୋଧରେ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ୨ଟି ପଞ୍ଚାୟତର ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ଡାକରା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ସଦ୍ଭାବନା ସଭାଗୃହରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ଅବକାରୀ ବିଭାଗ ଅଧୀକ୍ଷକ ପ୍ରଦୀପ୍ତ କୁମାର ଦାସ, ଗୋଇନ୍ଦା ବିଭାଗ ଡିଏସ୍ପି କମଳଲୋଚନ ଭୂୟାଁ, ଧାମନଗର ଡିଏସ୍ପି ବିଜୟ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଧିକାରୀଙ୍କ ଉପସ୍ଥିତିରେ ଆନ୍ଦୋଳନର ଡାକରା ଦେଇଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲା କୃଷକ ନେତା ଚନ୍ଦ୍ରଶେଖର ନାୟକ, ହସନାବାଦ ପଞ୍ଚାୟତର ସରପଞ୍ଚ ଗୌତମ ନାୟକ, ପୂର୍ବତନ ସରପଞ୍ଚ କମଳାକାନ୍ତ ପୁହାଣ, ସାମାଜିକ କର୍ମୀ ବିନୋଦ ବିହାରୀ ନାୟକ, ପ୍ରଦୀପ ଜେନା, ସନ୍ତୋଷ ବିଶ୍ୱାଳ, ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇ ଏହାକୁ ବିରୋଧ କରିଥିଲେ।

ସେମାନଙ୍କ ଅଭିଯୋଗକୁ ହୃଦୟଙ୍ଗମ କରି ସମସ୍ତଙ୍କ ସହମତି କ୍ରମେ ଅତିରିକ୍ତ ଜିଲାପାଳ ମହାପାତ୍ର କହିଥିଲେ, ଖୁବ୍ଶୀଘ୍ର ଜିଲା ଅବକାରୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ କ୍ଷେତ୍ର ତଦନ୍ତ କରିବ। ଲୋକଙ୍କ ଅଭିଯୋଗର ଶୁଣାଣି ପରେ ଉକ୍ତ ମଦ ଦୋକାନ ଖୋଲାଯିବ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି।

